ପଣ୍ଡୁଙ୍କର ବନେ ଅବସ୍ଥିତି ଓ ରାଜ୍ୟ ପରିଚାଳନା
ତୁଳମାସ ପଞ୍ଚମୀ ଦିନ ପଣ୍ଡୁ ବିଜେ କଲେ ହସ୍ତିନାକୁ
ଧୀର ଧୀର ହୋଇ ଯାଉଛନ୍ତି ଧୃତରାଷ୍ଟଙ୍କୁ ଦ୍ରଶନ କରିବାକୁ । ୧ । horoscope
ଧୃତରାଷ୍ଟ ବୋଲୁଛନ୍ତି ଗାନ୍ଧାରୀ ଅଗ୍ରତେ
କିଂପାଇ ବ୍ୟାସ ମୁନି ଜାତ କଲେ ଆବର ଯେ ମୋତେ । ୨ ।
ପଣ୍ଡୁରାୟେ ତାହା ଶୁଣିଲେ ପୁରକ ଅନ୍ତରେ
ଧୀରେଣ ତୁନୀ ହୋଇ ଶୁଣନ୍ତି ସେହିଠାରେ । ୩ ।
ଗାନ୍ଧାରୀ ପୁଛାକଲେ ଧୃତ ଯେ ରାଷ୍ଟଙ୍କୁ
ଯେତେ ବିରସ କଲ ସ୍ୱାମୀ କିଂପାଇ ମନକୁ । ୪ ।
ଧୃତରାଷ୍ଟ ବୋଇଲେ ତୁ ଶୁଣ ଗୋ ଗାନ୍ଧାରୀ
ସାବତ ସଂପଦ ହାଦେ ଦେଖିତ ନୁଆରି । ୫ ।
ମୁହିଂ ଅଟଇ ଜ୍ୟେଷ୍ଠ ପଣ୍ଡୁ ଅଟଇ କନିଷ୍ଠ ସାନୁଜ
ପୃଥିବୀରେ ବିକାଶିଲା ପଣ୍ଡୁର ବଳବୀର୍ଯ୍ୟ । ୬ ।
-----------
୩ ପଣ୍ଡୁ ରାଜାୟେ ତାହା ଶୁଣିଲେ ଅନ୍ତରେ
ଥିରକରି ଲୟେ କରି ଅଛନ୍ତି ସେହିଠାରେ ।
୪ ।୨ ଯେତେ ଅବିଚାର ଦେବ କିଂପାଇଂ ତୁକୁ ।

ଅନେକ ସଂପଦ ତାର କହିତ କି ପାରି
ମରଣ ଯେହାଉଂ ଭଲ ସହିତ ନୁଆରି । ୭ ।
ଭଲ ଦିନ ଖୋଜ ଗୋ ପ୍ରାଗ ତୀର୍ଥ ଯିବା
ତ୍ରିବେଣୀ ସଂଗମେ ହାଦେ ଶରୀର ଝାସିବା । ୮ ।
ଛତ୍ରୀ ପଣ ହୋଇଣ ଯେବେ ପର ପୋଷଣ କରି
ରାଜା ହୋଇ ଯେବେ ସଂଗ୍ରାମେ ଭୟେ କରି । ୯ ।
ଦେବତା ହୋଇ ଯେବେ ପରରେ ନିର୍ଦ୍ଦୟା
ତୀର୍ଥ ହୋଇ ଯେବେ ହୋଅଇ ସେ ମାୟା । ୧୦ ।
ସୁନ୍ଦର ସ୍ତିରୀ ଯେବେ ହୁଅଇ ଦୁର୍ଭାଗୀ
ଇନ୍ଦ୍ରିୟ ନିଗ୍ରହଣ ନୋହଇ ଯେବଣ ଯୋଗୀ । ୧୧ ।
ପଣ୍ଡିତ ହୋଇ ଯେବେ ନୋହିବ ଉପାୟବନ୍ତ
ମହାତମାଙ୍କର ବଚନେ ଯେତେକ ଜୀବନ ବିଅର୍ଥ । ୧୨ ।
ଗାନ୍ଧାରୀ ବୋଇଲେ ଯୁଗତ ଯେହୁ କଥା
କପାଳ ନିହିତ କି ହୋଇବ ଅନ୍ୟଥା । ୧୩ ।
ଯାହା ସେ ଅରଜି ନାଥ ତାହା ହାଦେ ଭୁଞ୍ଜି
ସମସ୍ତେ ପୁଣ୍ୟବନ୍ତ ନୋହନ୍ତି ମୃତ୍ୟୁ ମଣ୍ଡଳ ମଝି । ୧୪ ।
ସ୍ୱାମୀ ସୁକୃତ ବୋଲିଣ ଯେବଣ ପୁରୁଷ
ନାନା ରୂପ ଧରଇ ସେ ନୋହଇ ପ୍ରାଣ ନାଶ । ୧୫ ।
ଖଣ୍ଡିଆ କୁବୁଜା ଯେ ଅପାରଗ ଛୋଟା
ବଳବନ୍ତ କେ ଖୁର୍ପ କେ ଉଛର୍ଗ କେହୁ ମୋଟା । ୧୬ ।
ସୁନ୍ଦର ପୁରୁଷ ସେ କ୍ଷତ୍ରିୟ ପଣ୍ଡିତ ପୁରୁଷ
କ୍ଷଣେ ବାତୁଳ ସେ କ୍ଷଣେ ହରଷ ବିରସ । ୧୭ ।
-----------
୧୨ ।୨ ମହାତମାଙ୍କ ବାକ୍ୟେ ଯେତେକ ଜୀବନ ନର୍କଗତ । (ପା)
୧୩ ।୨ କପାଳ ଲେଖନ, କପାଳ ଲିଖିତ । (ପା)
୧୫ ।୧ ସ୍ୱାମୀ କର୍ମ ବୋଲି ଯେବଣ ପୁରୁଷ । (ପା)
୧୧ ।୧ ଦୁର୍ଭାଗୀ-ମନ୍ଦଭାଗ୍ୟବତୀ

୭ ।୨    ନୁଆରି-ନପାରି
୧୬ ।୨  ଖୁର୍ପ-ଖର୍ବ-ବାଙ୍ଗରା, ଉଛର୍ଗ-ଉଚ୍ଚ

ଚେତନା ପୁରୁଷ ସେ ଚେତି ନ ଚେତଇ କ୍ଷଣେ
ସକଳ ବ୍ରହ୍ମାଣ୍ଡକୁ ସେ ପୁରୁଷ ୟେକା ଜଣେ । ୧୮ ।
କୁତୋହଳେ ଖେଳୁଥାଇ ସେ ନାନା ରୂପ ଧରି
କ୍ଷଣେ ଗୋରା କ୍ଷଣେ କଳା ଶ୍ୟାମଳ ରୂପେ ଅବତରି । ୧୯ ।
କ୍ଷଣେ ଖଣ୍ଡ ପାଙ୍ଗୁଳ କ୍ଷଣକେ ହୋଅଇ ଅନ୍ଧ (ପ୍ରଜ୍ଞା ତତ୍ତ୍ୱ)
ନାନା ବର୍ଣ୍ଣ ରୂପକୁ ତାହାର ଯେ ସଧ । ୨୦ ।
ସେ ସୁକୃତ ମହାତମା ଯେତେବେଳେ ଧରିଥାଇ ଯେବଣ ରୂପ
ଉତ୍ତପତି ମାନବମାନେ ହୁଅନ୍ତି ସେହି ଯେ ସରୂପ । ୨୧
ଛାଡ ମେଲ ତୁ ଅଭିମାନ ରାୟେ ନ ଭାଳ ନ ଚିନ୍ତ
ଦୁଖ ସୁଖ ସ୍ୱାମୀ ହୃଦଗତେ କରିଥାଅ ୟେକତ୍ୱ । ୨୨ ।
ବାହିଜ ପରର ଦେଖି ନୋହିବା ବିକଳ
ସୁଦଶା କୁଦଶା ହୋ ଅଳ୍ପ ହୋୟେ କାଳ । ୨୩ ।
ଚଇତନ ପୁରୁଷକୁ ନାଥ ୟେକତ୍ୱ କରା
ପଣ୍ଡୁଙ୍କୁ ପର ବୋଲି ଶରୀର ନ ହରା । ୨୪ ।
ୟେ ସଂସାର ଯାକ ଯେହୁ କରଇ ୟେକତ
ତେବେ ସେ ତରି ୟେଥୁଂ ହୁଅଇ ମୁକତ । ୨୫ ।
ଧୃତରାଷ୍ଟ ବୋଇଲେ ତୁ କହିଲୁ ନା ୟେମନ୍ତ
ପର ସଂପଦ ଦେଖି ମୁଂ ନ ପାରଇ ରେ ସଂଘାତ । ୨୬ ।
ଗାନ୍ଧାରୀ ବୋଇଲେ ଯେ ଅଟଇ ୟେ କଥା
ପାପୀଲୋକଙ୍କୁ ସେ ହୋଅଇ ଅନେକ ଅବସ୍ଥା । ୨୭ ।
-----------
୧୮ ।୧  ଚେତନା ପୁରୁଷ ସେ ନ ଚେତଇ ଅନୁକ୍ଷଣେ । (ପା)
୨୪ ।୨  ପିଣ୍ଡକୁ ପ୍ରବୋଧ ନାଥ ଶରୀର ନ ହରା । (ପା)
୨୭ ।୧  ଗାନ୍ଧାରୀ ପ୍ରତିବାକ୍ୟ ଶୁଣ ସ୍ୱରୂପ ମୋର କଥା । (ପା)
୨୦ ।୧  ଖଣ୍ଡ-ବିକଳାଙ୍ଗ, ଖଣ୍ଡିଆ, ପାଙ୍ଗୁଳ-ପାଗଳ ବା ବିକୃତ ମସ୍ତିଷ୍କ
୨୧ ।୧  ସରୂପ-ସ୍ୱରୂପ
୨୩ ।୧  ବାହିଜ-ବାହ୍ୟ ଆଡମ୍ବର ବା ସ- ଦ
୨୬ ।୨  ସଂଘାତ-ମିତଣୀ

ବିଚାର ନାୟେକ ଯେ ଅଟଇ ଜନ୍ତୁପତି
ଆକାଶେଣ ବିଚାରଇ ସେ ମଞ୍ଜେଣ ଦିଅଇ ଶାସ୍ତି । ୨୮ ।
ପାଙ୍ଗୁଳ ବଧିର ଖଣ୍ଡଣ କୁବୁଜ ଅଦୃଷ୍ଟି
ଯମର ଶାସ୍ତିମାନ ଦେବ ଅଟଇ ସବୁଟି । ୨୯ ।
ଜନମୁଂ ୟେମାନେ ବିକଟ ବାୟି
ମନ୍ଦ ପ୍ରକୃତି ୟେମାନେ ନ ପାରନ୍ତି କୁଶଳ ସହି । ୩୦ ।
ତିଙ୍ଗର ସ୍ୱଭାବ ସେ ହିଂସା ଯେ ପ୍ରକୃତି
ଆପଣେ ବକ୍ର ୟେ ପର ସଂପଦ ଦେଖି ନୁଆରନ୍ତି । ୩୧ ।
ପରନିନ୍ଦା ପରହିଂସା ପରମାଦ ଛାଡ ହୋ ଧୃତରାଷ୍ଟ
ଅନିତ୍ୟ ସଂସାର ୟେ ମାୟା ଚିତ୍ରପଟ । ୩୨ ।
ଲୋଭ ମୋହ କାମ କ୍ରୋଧ ଅହଂକାର ହିଂସା
ୟେହା ଦୂର କରି ନାଥ କର ନିକଳଙ୍କ ମନୀଷା । ୩୩ ।
ଅନେକ ବାଗେଣ ଯେ ତିଆରଇ ଗାନ୍ଧାରୀ

ଶାନ୍ତି ମନ ଆତ୍ମା ନୋହିଲା ତାହାରି । ୩୪ ।
ଧୃତରାଷ୍ଟ ଗାନ୍ଧାରୀର ଯେମନ୍ତ ବୋଲିବାର ସମୟେ
ତୁନୀ ହୋଇ ସମସ୍ତ ଶୁଣୁଛନ୍ତି ପଣ୍ଡୁରାୟେ । ୩୫-୧୫୯୪ ।

---------------

୨୮ ।୧ ବିଷ୍ଣୁ ରଞ୍ଜନାରେ ସେ ଅଟଇ ଜନ୍ତୁପତି । (ପା)
୨୯ ପାଗଳ ବଧିର ଖଣ୍ଡିୟା କୁବୁଜ ।
ଯମର ଯେ ଶାସ୍ତି ଅଟଇ ଦେବରାଜ । (ପା)
୩୦ ଜନମ୍ମୁଂ ଯେମାନେ ଅଟନ୍ତି ବିକଟ ବାକି
ମନ୍ଦ ପ୍ରକୃତି ଯେ ନ କହନ୍ତି ସଳଖି । (ପା)
ତିଙ୍ଗର ଲୋକଙ୍ଗର ହିଂସା ଯେ ପ୍ରକୃତି ।
ଆପଣେ ହିଂସା ବହି ପର ସଂପଦ ଦେଖି ନ ପାରନ୍ତି । (ପା)
୩୩ ।୨ ଯେହା ଦୂର କରି ଶାନ୍ତି ମୂର୍ତ୍ତି ଧର ।
ଯେହା ଦୂର କରି ନାଥ ଥିର କର ମନୀଷା । (ପା)
୩୪ ଅନେକ ବାଗେଣ ଯେ ଗାନ୍ଧାରୀ ତିଆରି
କେହୁଣିସି ମତେ ନ ଘେନି ଦଣ୍ଡଧାରୀ । (ପା)
୨୯ ।୧ ଖଣ୍ଡଣ-ଖଣ୍ଡଅଙ୍ଗ ବିଶିଷ୍ଟ ପୁରୁଷ, ଖଣ୍ଡିଆ ।
୩୫ ଧୃତରାଷ୍ଟ ଗାନ୍ଧାରୀ ଯେସନେକ ସମସ୍ୟାୟେ
ଅନ୍ତରେ ଥାଇ ଉହାତେ ଶୁଣଇ ପଣ୍ଡୁରାୟେ । (ପା)

***************